# CHIRANTANA



# ଚିରନ୍ତନ

ସଂଖ୍ୟା ୫୧, ଫେବୃଆରୀ ୨୧, ୨୦୨୫



Jagannath Organization for Global Awareness (JOGA)
Issue No: 51, February 21, 2025
http://www.jogaworld.org

# Contents


## Pg 2: ସମ୍ପାଦକୀୟ - ଭାବ, ଅଭାବ

## Pg 3: Shiba Bhajans

ଓଁ ନମଃ ଶିବାୟ

ମଙ୍ଗଳ ଆଳୟ ପ୍ରଭୁ ମହେଶ୍ୱର

ସବୁ ଦୁଃଖ ତୁମେ ହରିନିଅ ବୋଲି

## Pg 4: Holi Bhajan: ସଖୀ ଆସିଛି ହୋରି

## Pg 5: Upcoming Events in February and March, 2025

**Shibaratri: February 26**
**Holi: Melana (March 15)**
**Holi: Cultural Program (March 22)**

## Pg 5: Recently Completed Events in 2025

**Saraswati Puja – February 2, 2025**
**New Year Celebration – January 1, 2025**
**Monthly Bhajan Programs – 1/18, 2/15**

## Pg 9: Jagannath Temple Construction Funds Report for 2024

## Pg 13: Holi Information and Flyer


**Bhajan Schedule: Third Saturday of every month***
Place:  JTNA Temple Facility, Cookesville, MD
6:00 –9:00 PM Bhajan, Philosophiccal Discussion, Arati, and Prasad
**Please check for announcements to confirm of any events in JTNA facility**

**Sunday Program: 11:00 AM – 1:00 PM; Cookesville, MD**


**Chirantana Info:**
Chirantana is the bi-annual newsletter of Jagannath Organization for Global Awareness (JOGA).

**Editor: Dr Bigyani Das**

Religious, philosophical, and educational articles are invited from the authors by September and April for winter and summer issues of Chirantana respectively. All submissions are subject to review.

# ଭାବ, ଅଭାବ

ସମ୍ପାଦକୀୟ

ଦିନ ଥିଲା, ଅନେକ କିଛିର ଅଭାବ ଥିଲା । ଆମେମାନେ ଯେତେବେଳେ ପ୍ରଥମ ଥର ପାଇଁ ୧୯୯୯ରେ ହୋଲି ପାଳନ କରିଥିଲୁ, ସେତେବେଳେ ଏତେସବୁ ଜିନିଷର ଅଭାବ ଥିଲା ଯେ, ଆଜିକାଲିର ପିଲାମାନେ ସେସବୁ କଳ୍ପନା କରିପାରିବେନି । ପ୍ରଥମତଃ ଆମେମାନେ କେହି ଆର୍ଥିକ ରୂପେ ଅତି ସମ୍ପନ୍ନ ନଥିଲୁ । ସେତେବେଳେ ଓଡିଆ ଭାଷାରେ କିଛି ଗୋଟିଏ ଉପସ୍ଥାପନା କରିବାକୁ ଅନେକ କଷ୍ଟ କରିବାକୁ ପଡୁଥିଲା । କାହା ପାଖରେ ଯଦି କିଛି ଗୋଟିଏ କ୍ୟାସେଟ୍ ଥିଲା, ତାକୁ ଶୁଣିଶୁଣି କିଛି ଗୀତ ବାହାର କରିହେଉଥିଲା । ଅନେକ ସମୟରେ କ୍ୟାସେଟ୍ ଗୀତ ସବୁରେ ମଧ୍ୟ ଭୁଲ୍ ଥିଲା, ଅନେକ ଉଚ୍ଚାରଣ ଅସ୍ପଷ୍ଟ ଥିଲା । ସେ ଭୁଲ୍ ବି ଆମମାନଙ୍କ ସହିତ ରହିଯାଉଥିଲା । ଡ୍ରାମାଟିଏ ଉପସ୍ଥାପନା କରିବାକୁ ଅନେକ କିଛି କରିବାକୁ ପଡୁଥିଲା । ସେ ଡ୍ରାମାର କ୍ୟାସେଟ୍ ଶୁଣିବାକୁ ପଡୁଥିଲା । ଶୁଣିକରି ଲେଖିଦେବାକୁ ପଡୁଥିଲା । ତେବେ ଯାଇ କେଉଁଠି କାଟିହେବ, ଘଣ୍ଟାକର ଗୀତିନାଟ୍ୟକୁ ୨୦ ମିନିଟ ରେ ଉପସ୍ଥାପିତ କରିହେବ, ସେସବୁ ଜଣାପଡୁଥିଲା । ପୁଣି ଇଂରାଜୀରେ ଲେଖିବାକୁ ପଡୁଥିଲା, ପିଲାମାନଙ୍କର ପଢିବା ଓ ବୁଝିବା ପାଇଁ । ସେଇସବୁ ଅଭାବର ସମାଧାନ କରିବାକୁ ଆମେମାନେ ଯେଉଁ କେତେଜଣ ଥିଲୁ, ନିଜନିଜର ଦକ୍ଷତା ଅନୁଯାୟୀ କାମ ବାଛିନେଉଥିଲୁ । ହୋଲି ପାଳନ କରିବାପାଇଁ ଯାହାଯାହା ସବୁର ଆବଶ୍ୟକତା ରହୁଥିଲା, ଖାଦ୍ୟଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଇବା, ସବୁ ଆମେମାନେ କରୁକରୁ ହିଁ ଶିଖିଗଲୁ । ଓଡିଶାରେ ଯଦିଓ ବେଳେବେଳେ ସେସବୁ କାର୍ଯ୍ୟକ୍ରମରେ ଆମେମାନେ ସ୍କୁଲ୍, କଲେଜରେ ଯୋଗଦାନ କରିଥିଲୁ, ତେବେ ସେସବୁ ଆମ ଦକ୍ଷତାରେ ଯାଉନଥିଲା । ବିଶେଷତଃ ଉଚ୍ଚଶିକ୍ଷା ସମୟରେ ଏତେସବୁ କଠିନ ସମୟ ଦେଇ ଯାଇଥିଲୁ ଯେ, ନିଜନିଜର ସଉକ ଓ ଆବେଗକୁ ନିୟନ୍ତ୍ରଣରେ ରଖିବାକୁ ପଡୁଥିଲା । ତେବେ ନୂଆଦେଶରେ ସେ ଆବେଗ ସବୁ ଆଉଥରେ ଉଜ୍ଜୀବିତ ହୋଇଉଠିଲେ । ନିଜନିଜର ସଉକ ଉପରେ ଯେଉଁ ନିୟନ୍ତ୍ରଣ ଥିଲା, ନିଜ ପିଲାମାନଙ୍କ ପାଇଁ ସେସବୁ ରୁଦ୍ଧ ଦ୍ୱାରକୁ ଧୀରେଧୀରେ ଖୋଲିଦେବାକୁ ପଡିଲା । ଗାଉଗାଉ ଗାୟକ ହୋଇଗଲୁ । ନାଚୁଚାଚୁ ନାଚ ଶିଖିଗଲୁ । ରାନ୍ଧୁରାନ୍ଧୁ ଅଧିକ ଲୋକମାନଙ୍କ ପାଇଁ ରାନ୍ଧିପାରିଲୁ । ଡ୍ରାମା ଶିଖାଉଶିଖାଉ ଡ୍ରାମା ଲେଖିଲୁ ।

ସେ ସମୟର ଅଭାବ ସହିତ, ଗୋଟିଏ ଭାବ ଜୋଡିହୋଇ ରହିଥିଲା । ସେଇଟା ଆମମାନଙ୍କ ଭିତରର ଆତ୍ମୀୟତା । ସେ ଆତ୍ମୀୟତା ଜଗନ୍ନାଥଙ୍କ ପାଇଁ ଆୟୋଜନ କରୁଥିବା ମାସିକ ଭଜନ ମାଧ୍ୟମରେ ଦିନକୁଦିନ ଦୃଢ ହେଉଥିଲା । ଏତେ ଦୃଢ ହୋଇଥିଲା ଯେ, ସମସ୍ତଙ୍କର ସୁଖଦୁଃଖରେ ପାଖରେ ଠିଆହେବାକୁ ଭାବିବାକୁ ପଡୁନଥିଲା । ଆଜି ୧୦ଟାରେ କଣ ଅଛି, ଅପରାହ୍ନରେ କଣ ଅଛି, ରାତିରେ କଣ ଅଛି, ଏତେସବୁ ବନ୍ଧନ ନଥିଲା । ସେସବୁ ଅଭାବରେ ଆମେ କେହି ଧୈର୍ଯ୍ୟ ହରାଇନଥିଲୁ । ନିଜର ଭକ୍ତି ଓ ବିଶ୍ୱାସର ଭାବକୁ ସୁଦୃଢ କରି ରଖିଥିଲୁ ।

ସମୟର ପରିବର୍ତ୍ତନ ସହିତ ଆଜି ଅନେକ କିଛି ପରିବର୍ତ୍ତନ ଆସିଛି । ସେମିତି ଯଦି ଆମେ ଓଡିଆମାନଙ୍କୁ ଦେଖିବା, ସମସ୍ତେ ପ୍ରାୟ ଆର୍ଥିକ ସ୍ତରରେ ଅନେକ ସମ୍ପନ୍ନ । ଆମ ଓଡିଆମାନଙ୍କର ସଂଖ୍ୟା ମଧ୍ୟ ବଢିଛି । କ୍ୟାସେଟ ବଦଳି, ସିଡି ବଦଳି, ଏବେ ଅଧିକାଂଶ ଗୀତ ସବୁ ଇଣ୍ଟରନେଟରେ ସହଜରେ ଉପଲବ୍ଧ ହେଉଛି । ସେ ଗୀତ ସବୁ ସହିତ ନାଚ ବି ମିଳିଯାଉଛି । ହେଲେ ସେଇ ଗୋଟିଏ ଅଭାବ, ଯାହା ମୁଁ ୨୫-୩୦ ବର୍ଷ ତଳେ ଏ ଦେଶରେ ଉପଲବ୍ଧି କରିଥିଲି, ସେ ଅଭାବ ତଥାପି ଅଛି । ସେଇଟା ହେଲା ଓଡିଆ ଭାଷା ପ୍ରୀତି । ଏବେବି ସମସ୍ତେ ଓଡିଆ ଭାଷା ବଦଳରେ ପ୍ରଥମେ ହିନ୍ଦୀ ଗୀତ ଗାଇବାକୁ, ହିନ୍ଦୀ ଗୀତରେ ନାଚିବାକୁ ଉତ୍ସୁକ । ଓଡିଆ ଗୀତର, ଓଡିଆ ନାଚର ଭିଡିଓ ସବୁ ଏବେ ଏତେ ବହୁଳ ଭାବେ ଇଣ୍ଟରନେଟରେ ସୁଲଭରେ ମିଳିପାରୁଥିଲେ ମଧ୍ୟ ତାହା ପ୍ରତି ସେମାନଙ୍କର ଆକର୍ଷଣ ଏତେଟା ନାହିଁ । ମତେ ବି ହିନ୍ଦୀ ଗୀତ ଶୁଣିବାକୁ ଓ ଗାଇବାକୁ ଅନେକ ଭଲଲାଗେ । ହିନ୍ଦୀ ଭାଷାର ଅନେକ ପ୍ରତିଭାବାନ ସଂଗୀତ ନିର୍ଦ୍ଦେଶକ ଓ ଗାୟକଗାୟିକା ଅଛନ୍ତି, ଯେଉଁମାନଙ୍କ ପ୍ରତି ମୋ ହୃଦୟରେ ଅନେକ ସମ୍ମାନ ରହିଛି । ତେବେ ଓଡିଆ ଭାଷା ଆମ ଓଡିଆ ମାନଙ୍କର ପରିଚୟ । ସେ ପରିଚୟକୁ, ସେ ଭାଷାକୁ ଯେମିତି ବି ହେଉ, ଆମକୁ ପ୍ରଥମେ ପ୍ରାଧାନ୍ୟ ଦେବାକୁ ପଡିବ । ଆମେ ଅନ୍ୟ ସବୁ ଭାଷାକୁ ସମ୍ମାନ ଦେବା । ତାର ଅର୍ଥ ନୁହେଁ ନିଜ ଭାଷାକୁ ଭୁଲିଯିବା । ଏମିତି ଏକ ଦିନ ନ ଆସୁ, ଅନ୍ୟ ଭାଷାକୁ ପ୍ରାଧାନ୍ୟ ଦେଉଦେଉ, ଆମେମାନେ ନିଜଭାଷାକୁ ଭୁଲିଯାଉ ।

ଆଜି ଅନ୍ତରାଷ୍ଟ୍ରୀୟ ଭାଷା ଦିବସରେ ମୁଁ ସମସ୍ତଙ୍କ ନିକଟରେ ଏହି ନିବେଦନ ରଖିବି କି ନିଜ ସଂସ୍କୃତି, ନିଜ ଭାଷା, ନିଜ ପରିଚୟ ପ୍ରତି କିଛିଟା ସ୍ନେହ ଭାବ ରଖନ୍ତୁ । ସବୁ ଭାଷା, ସବୁ ସଂସ୍କୃତି, ସବୁ ଭାବନା ପ୍ରତି ସମ୍ମାନ ଦେବା ଆମ କର୍ତ୍ତବ୍ୟ ହେଉ । ତେବେ ନିଜ ଭାଷା ପ୍ରତି ସ୍ନେହ ଭାବ ଆମ ଜୀବନର ସଂକଳ୍ପ ହେଉ । ନମସ୍କାର । ଜୟ ଜଗନ୍ନାଥ ।

# ଶିବ ଭଜନ



ଓଁ ନମଃ ଶିବାୟ
ନମଃ ଶିବାୟ, ଓଁ ନମଃ ଶିବାୟ

ତୁମେ ହିଁ ସତ୍ୟ, ତୁମେ ସୁନ୍ଦର, ତୁମେ ହିଁ ସୁଧାମୟ ।
ତୁମରି ଜଟାର ପବିତ୍ର ଗଙ୍ଗାରେ ଧୋଇଯାଉ ହୃଦୟ ।
ଓଁ ନମଃ ଶିବାୟ

ତୁମ ଆଶୀଷେ ପ୍ରଭୁ ହସେ ଏଇ ସଂସାର
ରାତି ପରେ ଫେରିଆସେ ସୁନାଝରା ସକାଳ
ଶିରିଶିରି ପବନରେ ନାଗଚମ୍ପା ମହକ
ଶିବମୟ ହେଇଯାଏ ଏଇ ସାରା ମୁଲକ
ତୁମରି ମଥାର ଦ୍ୱିତୀୟା ଜହ୍ନରେ ଅନ୍ଧାର ମୋ ବିଲୟ ।

ମନ ମନ୍ଦିରରେ ପ୍ରଭୁ ତୁମରୂପ ସଜେଇ
ଭକତିର ବେଲପତ୍ର ଶିରେ ଦିଏ ଚଢେଇ
ଏଇ ମନ ପୂଜାଥାଳି ତୁମ ପାଇଁ ଝୁରଇ
ରାତିସାରା ଜାଗରର ଦୀପ ହେଇ ଜଳଇ
ତୁମେ ହିଁ ଆଗତ, ତୁମେ ହିଁ ବିଗତ, ତୁମେ ହିଁ ତ ସମୟ ।

## ମଙ୍ଗଳ ଆଳୟ ପ୍ରଭୁ ମହେଶ୍ୱର

ମଙ୍ଗଳ ଆଳୟ ପ୍ରଭୁ ମହେଶ୍ୱର
ଝରେଇ ଦିଅହେ ପୂଣ୍ୟ ଗଙ୍ଗାଝର
ଶିବ ବିନା ଦେହ ଶବ
ତୁମେ ହିଁ ତ ସୃଷ୍ଟି ତୁମେ ହିଁ ପ୍ରଳୟ
ଓଁ ନମଃ ଶିବାୟ

ଓଁ ତ୍ରୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ
ଉର୍ବାରୁକମିବ ବନ୍ଧନାନ୍-ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍

ଗୋଟିଏ ସୁରୁଜ ଗୋଟିଏ ଚନ୍ଦ୍ର ଗୋଟିଏ ସିନା ବସୁଧା
ଗୋଟିଏ ଶିବରେ ଶହେଆଠ ରୁଦ୍ର - ହେଲା ଏ ଜଗତ ବନ୍ଧା
ଯେବେ ପାପ ବଢେ ଏହି ସଂସାରରେ
ପାପର ନାଦରେ ମେଦିନୀ ଥରେ
ଶ୍ମଶାନନିବାସୀ ଆହେ ବିଶ୍ୱମ୍ଭର
ଦେଖେଇ ଦିଅହେ ରୁଦ୍ର ଅବତାର
ଶିବଶକ୍ତି ଯଦି ଥିବା - ଭକତର ପ୍ରଭୁ ହେବ ଜୟଜୟ
ଓଁ ନମଃ ଶିବାୟ

ଜଗତ ହିତରେ ନୀଳକଣ୍ଠ ସାଜି - ପାନ କରିଥିଲ ବିଷ
ଭକତର ଦୁଃଖ ନ ଶୁଣିଲେ ଆଜି - ହେବ ତୁମ ଅପଯଶ
ଜଗତେ ଚାଲିଛି ତୁମରି ଇଚ୍ଛାରେ
ରଖିଲେ ଶିବ ସେ କିଏ ମାରିପାରେ
ଶିବ ନାମ ମହା ଶୁଭ - ଏ ଜଗତ ପ୍ରଭୁ ହେଉ ମଧୁମୟ
ଓଁ ନମଃ ଶିବାୟ

# ସବୁ ଦୁଃଖ ତୁମେ ହରିନିଅ ବୋଲି, ତୁମ ନାମ ହେଲା ହର

ସବୁ ଦୁଃଖ ତୁମେ ହରିନିଅ ବୋଲି, ତୁମ ନାମ ହେଲା ହର
ତୁମେ ଲୋକନାଥ ଲୋକଙ୍କର ନାଥ, ପ୍ରିୟତମ ପ୍ରଭୁ ମୋର ।

ଜଗତ ଜୀବନ ହେ ସତ୍ୟ ସୁନ୍ଦର, ଏ ବିଶ୍ୱ ମଙ୍ଗଳ ପାଇଁ
ସାଗର ମନ୍ଥନୁ ବିଷ ପିଇଦେଇ ନୀଳକଣ୍ଠ ହେଲ ଗୋସାଇଁ
ଆହେ ମହାଯୋଗୀ ହେଲ ବଇରାଗୀ, ଶମଶାନେ କଲ ଘର ।
ସବୁ ଦୁଃଖ ତୁମେ ହରିନିଅ ବୋଲି, ତୁମ ନାମ ହେଲା ହର ।

ଦେବତା ଦାନବ, ନଥାଏ ତ ଭେଦ, ଭକତି ଦେଖିଲେ ଭୋଳ
ଯେ ଯାହା ମାଗିଲା ତଥାସ୍ତୁ କହିଲ, ନ ମଣି ଆପଣା ପର
ସେଥିପାଇଁ ପରା କଥାଟିଏ ଅଛି, କୋପେ ବର, ତପେ ବର
ସବୁ ଦୁଃଖ ତୁମେ ହରିନିଅ ବୋଲି, ତୁମ ନାମ ହେଲା ହର ।

# ସଖୀ ଆସିଛି ହୋରି

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ



ସଖୀ ଆସିଛି ହୋରି ।ଘୋଷା।

ମନ୍ଦ ମନ୍ଦ ପବନ, ଜଗାଏ ଶିହରଣ
କୋଇଲି କୁହୁତାନ, ହଜାଇ ନିଏ ମନ
କେଉଁ ସପନେ ଲୀନ, ହେଲା ଆଖି ମୋହରି ।

ରଙ୍ଗ ଭରା କାନନ, ଶୋଭା ତା' ଅନୁପମ
ସୁକୁମାରୀ କୁସୁମ, ମହକ କିଣେ ପ୍ରାଣ
ଭ୍ରମର ମନ ଭ୍ରମ, କରେ ମଧୁ ହରଣ
ରାଇ ପରାଣ ଲୀନ ଶ୍ୟାମ ବଂଶୀ ସୁମରି ।

ସଜାଇ ପିଚକାରୀ, ସେ କେଉଁ ଗୋପନାରୀ
ରଙ୍ଗେ ରଙ୍ଗାଇ ଦେଲା, ଶ୍ୟାମ ରାଧା ସବୁରି
ପିନ୍ଧାଇ ବନଫୁଲ, ସେନେହେ କଲା, ଗେଲ
କେଉଁ ସରଗ ସୁଖ, କହଲୋ ତାକୁ ସରି ।

# Upcoming Programs by JOGA

**Shibaratri**
Shibaratri will be obersved at JTNA on Wednesday, February 26, 2025, 5-8 PM. We will have three days of Rudravisekh offering at JTNA from Feb. 24 to 26th with MahaShivaratri celebration on Wednesday Feb. 26th.

**Holi 2025: March 15 (Procession at JTNA)**
Holi procession with color playing will take place on Saturday, March 15, 2025 at JTNA from 3-6 PM. (March 14 is Dola Purnima). This will be followed by bhajan and prasad.

**Holi 2025: March 22 (Cultural Event)**
Holi cultural event will take place on Saturday, March 22, 2025 in Hindu Temple Auditorum, Adelphi, Maryland from 4-8 PM. For more information, visit
**http://jogaworld.org/holi/holi2025.htm**

**Sunday Services at JTNA Temple**
Puja and prayer services will continue at JTNA Temple every Sunday from 11:00 AM – 1:00 PM. Detail information on online link and on-site activity is announced and shared through the JOGA mailing list and WhatsApp group. If you are not yet included in JOGA communication mediums, please contact at **jogaevents@gmail.com.**

Special Puja and Rituals at JTNA Temple
Special puja and rituals at JTNA Temple will be communicated through JOGA mailing list and WhatsApp Group

# Recently Completed Programs

## Saraswati Puja: Sunday, February 2, 2025

Saraswati Puja was held on Sunday, February 2, 2025 from 10:30-1:30 PM. The program included puja, special music performance and prasad.

Musical concert Participants are: Violin – Arun Bagal, Violin – Subhashree Hariharan, Tabla-Santosh Waghmare, Tabla-Gaurav Mishra.

Many local singers sang bhajans for mother Saraswati as well as Lord Jagannath, Ram, Krishna and other deities. Videos are available from JOGA facebook page.

The decoration was done by Naresh Das, Deepak Mohanty and other volunteers with mount Kailash as theme.





## New Year Celebration: Wednesday, January 1, 2025

New year was celebrated on Wednesday, January 1st. Many devotees joined and had the Darshan of the deities on the first day of the year. The program started at 11 AM and included Chaturdhamurthi Puja, 108 names Archana, Bhajan/Kirtana, Jagannatha Sahasra nama samuhika chanting, Arati followed by Mahaprasad.







## Monthly Bhajans for January and February

Monthly bhajans for the months of January and February took place on January 18 and February 15 respectively.





# Jagannath Temple Construction Funds Report for 2024

**Naresh Das, Dayton, MD**

The year 2024 was a very successful and memorable period for Jagannath temple project at Cooksville, MD. Here is the list of donors and the total amount raised in 2024 for temple construction project. The donation amount for individual donor range between $500 and $12000. We performed bhumi puja for the new temple at proposed site in May and organized a fundraising program in Nov. 2024. We won in our appeal case for extension of conditional use permit and the Howard County hearing examiner grant us the permit extension till March 2027 to build the new temple. We organized many religious programs throughout the year and pictures of the events are available at out webpage www.jtna.org. We thank the following list of donors for the temple construction project in 2024.

Ajit K Pattanaik
Alakananda Mohanty
Amit &Amita Sood
Anjana and Debaki Chowdhury
Annapurna and Nilambar Biswal
Anuradha and Kaushik Dutta
Arati and Nrusingha Biswal
Asha Swain
Ashish Pal
Banabihari Giri
Bandita and Binod Nayak
Bandita and Nrusingha Mishra
Baruni and Prasan Samal
Bhudeep Patnaik
Bigyani and Naresh Das
Charu and Bharat Mehta
Chhabilata and Satya Swain
Deepti and Bikash Mishra
Dharitri Mishra
Dibyasa and Saroj K Behera
Geeta and Sushant mohanty
Indra Das
Kalyan Peyyalmeta
Kalyani and Bhudhinath Padhy
Komala and Thyagaraju Damarla
Lavanya and Harish Jayaraj
Madhu and Sudipta Udgata
Maushumi and Sandeep Pattanaik
Meera and Shashadhar Mohapatra
Meghana and Subrat Mohapatra
Mina and Kailash Sahu
Minati Kuanar
Mona and Jaykumar Satpathy
Namita and Chita Das
Nirlipta and Bala Dixit
Om P/Devindra Magoon
Pinky and Sujit Das
Pooja Rani and Deepak Mohanty
Pranati and Tapas Panda
Prava and Suchit Ray
Pravin Ponnuri
Priya and Anshuman Das
Radhamadhab Pani
Swati and Ram Panda
Richa and Ashwini Kaushik
Kaushik
Saipriya and Sarit Mohanty
Sangeeta and Prafulla K Nayak
Sarita Pali
Saurav Mohanty
Shreyas Panchigar
Simantini and Satish Mohapatra
Sinu and Bijay K Dash
Smita and Sushant Padhy
Sudhir Mishra
Sudipta Patnaik
Sujata and Gyana Bohidar
Sujit K. Pati
Sukanya and Bikram Ray
Surajita Mishra

Sushmita and Pradeep Behera
Susmita and Sudip Patnaik
Swagatika and Srinibash Sahoo
Swarna and Satyabrata Jena
Swati and Manoranjan Mohapatra
Urmila and Devaraj Sahu
Sabyasachi Rath

**Total donation raised for temple construction in 2024 - $138,242.00**
**Expenses incurred till date - Legal fee - $5181**
**Civil engineer - $12700**
**Architect - $500**
**Total expenses incurred - $18381.00**

To understand donors profile, we tried to analyze donor type by grouping them in 5 age bands such as band 1- (30-40 year), band 2-(40-50 year), band 3- (50-60 year), band 4-(60-70 year) and band 5- (70+ years). The plot in Figure 1 shows the percentage of total fundraising amounts raised by the different age-band groups.




Figure 1. % of fundraised by different age-band groups.
In figure 2, we plotted % of total number donors in different age bands are plotted. By comparing Figure 1 and 2, we observed that majority of donors and donation amount lies between age-bands 4 and 5. Our results will be useful for future fundraising efforts by concentrating on age-band groups 1 and 5 to meet our fundraising goal of $1M for first phase of temple construction.



Figure 2, % of donors for different age bands

**How can you support temple construction project**: As per our temple conditional use permit, at present we are allowed to construct temple with floor space of around 2000 square feet. Initial estimate for the first phase of temple construction will be around $1M. Please choose any of the following categories of sponsorship.

**Option 1** (most popular). Please donate any amount for sponsorship of $500 per square feet (you can reserve any amount of square feet space). All the sponsors' names will be written on the temple wall according to the square feet they sponsor. You can pledge now and pay in installments till the end of 2026.

**Option 2**. You can also sponsor any of the following categories. Your name will be written on a marble plate. Deities pedestal for $50K or more. For detailed information on this category please contact temple for details.

**Option 3.** Please sign-up monthly donation form for the temple starting from $1/day ($30 per month) to any amount you would like contribute per month and join many others devotees contributing regularly.

We greatly appreciate following monthly donors as of Dec, 2024. Your help is of immense support for this noble cause. May Lord Jagannath bless you all.

***Bigyani and naresh Das***
***Arati and Nrusingha Biswal***
***Preeti and Hemant Biswal***
***Sujata and Gyan Bohidar***
***Anjana and Debaki Chowdhury***
***Geeta and Bijay Chowdhury***
***Liza and Debashis Das***
***Pinky and Sujit Das***
***Richa and Ashwini Kaushik***
***Bandita and Nrusingha Mishra***
***Ranjana and Santananda Mishra***
***Alakananda Mohanty***
***Ashis and Aliva Mohanty***
***Sangeeta and Prafulla Nayak***
***Swagatika and Srinibas Sahoo***
***Anonymous Donor***
***Anu and Nilambar Biswal,***
***Debanjan Chowdhury,***
***Jayashree and Mani Das***
***Sarita and Kaushal Das***
***Sinu and Bijay Dash,***
***Ashwini and Madhusmita Dash***
***Sangeeta and Krushna Debata,***
***Swarna Manjari and Satyabrata Jena***
***Anuradha Mohanty***
***Manoranjan Mohapatra***
***Meera and Shashadhar Mohapatra,***
***Ram Nayak,***
***Sujit Kumar Pati***
***Bhudeep Patnaik,***
***Prava and Suchit Ray***
***Stiti and Jitendu Samant***
***Pinky and Tapan Swain,***
***Dipti Ranjan Tarai***
***Madhusmita and Sudipta Udgata***
***Snigdha and Manoj Mishra***
***Santosh K. and Kalyanee Sahoo***
***Sribatsa Samal***
***Sony and Raj Rath***
***Anonymous donor***

We have made significant progress on fundraising with all of your whole hearted support, but still long way to go to reach our projected goal. Your donation is tax deductible as JOGA is 501 (c) 3 charitable organization.

**Check in favor of JOGA can be sent to 2028 Millers Mill Rd., Cooksville, MD 21723**

If you want to pay your donation electronically using PayPal, please use our link at: www.jtna.org/donation.html or by sending donation through zelle to jtna.infocenter@gmail.com.



# TWENTY-SEVENTH HOLI FESTIVAL

***Organized by***

**Jagannatha Organization for Global Awareness (JOGA)**

***www.jogaworld.org***

***obhajan@yahoo.com/jogaevents@gmail.com***

**Holi Melana (Free Registration)**
**Date and Time: Saturday, March 15, 2025; 3:00-6:00 PM**
**JTNA Temple Facility, 2028 Millers Mill Road, Cooksville, MD 21723**

**Holi Cultural Program**
**Date: March 22, 2025**
**Time: Saturday, 3:30 PM - 9:30 PM**
**Place: Hindu Temple Auditorium, 10001 Riggs Road, Adelphi,** 20783
http://jogaworld.org/holi/holi2025.htm




Cultural Program Flow:
3:00-4:00 PM: Snacks
4:00-7:00 PM: Cultural
7:00-8:00 PM: Dinner

***Special Presentations:***
***Drama: Nilamadhaba SriJagannatha***

***Donations:*** *Family-$40, Single-$20*

**Sponsorship:**
**Balabhadra Sponsor - $200.00**
**Subhadra Sponsor - $150.00**
**Jagannath Sponsor - $100.00**
**Nilachakra Sponsor - $50.00**

Children Prize Sponsor - $250.00
**(All donations are tax deductible)**

**Online sponsorship and donations can be made at the online link https://www.jtna.org/donate or by or by sending donation through zelle to jtna.infocenter@gmail.com. Please mention Holi2025 with your donation.**

**Check in favor of JOGA can be sent to 2028 Millers Mill Rd., Cooksville, MD 21723. (Mention Holi2025 in Memo)**

**Cultural Coordinators:**
Anjana Chowdhury: anjachow@hotmail.com
Snigdha Hota: snigdhahota1@gmail.com
Pipi Das: pipidas@hotmail.com
Manaswini Sahu: manaswini_sahu@yahoo.com

**Direction to the temple:** From I-95/I-495 CAPITAL BELTWAY, take New Hampshire Ave. exit, exit number 29A, towards Wheaton. Right turn to Powder Mill Rd at 3rd traffic light, Right turn to Riggs Rd, temple on your left before the bridge.

